NATIONAL DAIRY PLAN
MISSION MILK
THE NEXT REVOLUTION

## ଦୁଗ୍ଧ ଚାଷୀଙ୍କ ଦାନାଖର୍ଚ୍ଚ କମାଇବା ପାଇଁ ବିକଳ୍ପ ଗୋ-ଖାଦ୍ୟ

# ଆଜୋଲା



### ଆଜୋଲା କଣ ?

ଆଜୋଲା ଏକ ଜୀବନ୍ତ ଭାସମାନ ଫର୍ଣ୍ଣ ଜାତୀୟ ଉଦ୍ଭିଦ, ଯାହାକି ବାୟୁମଣ୍ଡଳରୁ ଯବକ୍ଷାରଜାନ ଉପଲବ୍ଧ କରିଥାଏ। ଏଥିରେ ପ୍ରଚୁର ପରିମାଣର ପୁଷ୍ଟିସାର, ଭିଟାମିନ ଓ ଧାତବ ଲବଣ ମହଜୁଦ ଥିବାରୁ ଏହା ଏକ ଉତ୍କୃଷ୍ଟ ଗୋଖାଦ୍ୟ ଭାବରେ ବ୍ୟବହାର କରାଯାଏ। ଏହା ଏକ ଜଳଜ ଉଦ୍ଭିଦ। ଏହାର ଚେର ପାଣି ତଳକୁ ଓହଳିଥାଏ, ମାତ୍ର କାଣ୍ଡ ପାଣି ଉପରେ ସମ୍ପ୍ରସାରିତ ହୋଇ ବଢ଼ିଥାଏ। ପତ୍ରଗୁଡ଼ିକ ଛୋଟ ଓ ଇଷତ୍ ଲାଲ ମିଶା ଶାଗୁଆ ରଙ୍ଗର।

### ଆଜୋଲାକୁ କାହିଁକି ଗୋଖାଦ୍ୟ ରୂପେ ବ୍ୟବହାର କରିବା ?

୧. ଏଥିରେ ଅଧିକ ପୁଷ୍ଟିସାର ଓ କମ ତନ୍ତୁଜାତୀୟ ଲିଗନିନ ଥିବାରୁ ଏହା ଗାଈଗୋରୁଙ୍କ ଦ୍ୱାରା ସହଜରେ ହଜମ ହୋଇଥାଏ।

୨. ଆଜୋଲାରେ କମ୍ ପରିମାଣର ଶ୍ୱେତସାର ଓ ସ୍ନେହସାର ଥାଏ।

୩. ଏଥିରେ ଥିବା ଖାଦ୍ୟ ସାର ଗାଈ ମଇଁଷିଙ୍କ ପାଇଁ ସର୍ବୋତ୍କୃଷ୍ଟ ଗୋଖାଦ୍ୟ ରୂପେ ବ୍ୟବହାର ହୋଇଥାଏ।

୪. ଏହା ଖୁବ୍ ଶୀଘ୍ର ବୃଦ୍ଧିପାଏ ଓ ଉତ୍ପାଦନ ସ୍ୱଳ୍ପ ବ୍ୟୟ ସାପେକ୍ଷ ଅଟେ।

୫. ୧.୫ କି.ଗ୍ରା.ରୁ ୨ କି.ଗ୍ରା. ଆଜୋଲା ଦୈନିକ ଦାନାରେ ମିଶାଇ ଖାଇବାକୁ ଦେଲେ, ଗାଈଙ୍କ ଦୁଗ୍ଧ ଉତ୍ପାଦନ ଶତକଡ଼ା ପ୍ରାୟ ୧୫ ଭାଗ ବୃଦ୍ଧି ହୋଇଥାଏ।

### ଆଜୋଲା ଖାଇବାକୁ ଦେବାର ପ୍ରଣାଳୀ:

୧. ଆଜୋଲାକୁ କୁଣ୍ଡ ମଧ୍ୟରୁ ଚାଲୁଣୀ କିମ୍ବା ଜାଲିଥିବା ଛଣା ଦ୍ୱାରା ସଂଗ୍ରହ କରନ୍ତୁ।

୨. ଏହା ପରେ ତାହାକୁ ସ୍ୱଚ୍ଛ ପାଣିରେ ଭଲ ଭାବରେ ଧୋଇ ଦିଅନ୍ତୁ।

୩. ପାଣି ନିଗିଡ଼ି ଗଲା ପରେ ଗୋଖାଦ୍ୟ ସହ ମିଶାଇ ଗାଈ କିମ୍ବା ମଇଁଷିକୁ ଖାଇବାକୁ ଦିଅନ୍ତୁ।

### ଆଜୋଲାର ଚାଷ ପ୍ରଣାଳୀ:

ପ୍ରଥମେ ୨ ମିଟର ଲମ୍ବ, ୨ ମିଟର ଚଉଡା ଓ ୨୦ ସେ.ମି. ଗଭୀରର ଏକ ସିମେଣ୍ଟ କୁଣ୍ଡ ପ୍ରସ୍ତୁତ କରନ୍ତୁ। ଏଥିରେ ୧୦-୧୬ କି.ଗ୍ରା. ଦୋରସା ଉର୍ବର ମାଟି ସମାନ ଭାବରେ ପକାନ୍ତୁ। ତାପରେ ୨ କି.ଗ୍ରା ସଢ଼ା ଗୋବର ଓ ୩୦ ଗ୍ରାମ ସିଙ୍ଗଲ ସୁପର ଫସଫେଟ ସାରକୁ ୧୦ ଲିଟର ପାଣିରେ ଗୋଳେଇ ଉକ୍ତ କୁଣ୍ଡରେ ପକାନ୍ତୁ। ପାଣି ସ୍ତରର ଉଚ୍ଚତା ୧୦ ସେ.ମି. ହେବା ପର୍ଯ୍ୟନ୍ତ କୁଣ୍ଡରେ ପାଣି ଭର୍ତ୍ତି କରନ୍ତୁ। ଏହାପରେ ୫୦୦ ଗ୍ରାମରୁ ୧ କି.ଗ୍ରା. ପର୍ଯ୍ୟନ୍ତ ଆଜୋଲା କଲଚର ଏହି ପାଣି କୁଣ୍ଡରେ ଛାଡ଼ି ଦିଅନ୍ତୁ। ଏହାର ୧୦-୧୫ ଦିନ ମଧ୍ୟରେ ଆଜୋଲା ସମ୍ପୂର୍ଣ୍ଣ ଭରି ହୋଇଯିବ। ଏଥିରୁ ଦୈନିକ ପ୍ରାୟ ୧ କି.ଗ୍ରା. ପର୍ଯ୍ୟନ୍ତ ଆଜୋଲା ଅମଳ କରିହେବ। ପ୍ରତି ୭ ଦିନ ଅନ୍ତରରେ ୨୦ ଗ୍ରାମ ସିଙ୍ଗଲ ସୁପର ଫସଫେଟ ପକାଇଲେ ଆଜୋଲା ଖୁବ ଶୀଘ୍ର ବୃଦ୍ଧି ହେବା ସହିତ ଅଧିକ ଆଲୋଜା ଆମଦାନି ହୋଇପାରିବ। ଏଥିରେ ଓମଫେଡ ମିନେରାଲ ମିକ୍ସଚର ୩୦-୩୫ ଗ୍ରାମ ପ୍ରତି ସପ୍ତାହ ଅନ୍ତରରେ କୁଣ୍ଡରେ ପ୍ରୟୋଗ କଲେ ଏହା ଆଜୋଲାର ବୃଦ୍ଧି ନିମନ୍ତେ ମଧ୍ୟ ସାହାଯ୍ୟ କରିବ।

### ଅଧିକ ଆଜୋଲା ଉତ୍ପାଦନର ଉପାୟ:

୧. ଅଧିକ ଆଜୋଲା ଉତ୍ପାଦନ ପାଇଁ ପ୍ରତ୍ୟେକ ଦିନ ଆଜୋଲା ଅମଳ କରିବା ଦରକାର।

୨. ଆଜୋଲା କୁଣ୍ଡର ଉତ୍ତାପ ୨୫-୩୦ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବା ଦରକାର। ତେଣୁ ଛାଇ ସ୍ଥାନ ଓ ପରୋକ୍ଷ ଭାବରେ ସୂର୍ଯ୍ୟକିରଣ କୁଣ୍ଡରେ ପଡିଲେ ଭଲ।

୩. କୁଣ୍ଡର କ୍ଷାରୀୟ ଅମ୍ଳତା ୫.୫ ରୁ ୭.୦ ଭାଗ ମଧ୍ୟରେ ରହିବା ଭଲ।

୪. ଆଜୋଲାକୁ ପୋକ ଓ କୀଟ ଦାଉରୁ ରକ୍ଷା କରିବା ପାଇଁ ମଝିରେ ମଝିରେ ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ।

omfed

ସୌଜନ୍ୟ : ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ, ସମ୍ବଲପୁର

SAMUL